بسم الله الرحمٰن الرحيم

ଖୁତବା ଜୁମା ୨୩ ଅଗଷ୍ଟ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ପ୍ରଶଂସନୀୟ ଗୁଣାବଳୀର ହୃଦୟଦ୍ରାବୀ ଓ ମନୁରଞ୍ଜକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ବଦରୀ ସାହାବାମାନଙ୍କ ଆଲୋଚନା କ୍ରମେ ଆଜି ମୁଁ ଯେଉଁ ସାହାବୀମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ପ୍ରଥମ ସାହାବୀ ହେଉଛନ୍ତି ***ହଜ଼ରତ୍ ଆସିମ୍ ବିନ୍ ଅଦ ର.ଅ*** । ହଜ଼ରତ ଆସିମ ର.ଅ ହଜ଼ରତ ମାଆନ ବିନ୍ ଅଦିଙ୍କର ଭାଇ ଥିଲେ । ସେ ଉଚ୍ଚ ମଧ୍ୟମ ବ୍ୟକ୍ତି ଥିଲେ ଏବଂ ନିଜ କେଶରେ ମଞ୍ଜୁଆତି ପତ୍ର ଲଗାଉଥିଲେ । ଯେତେବେଳେ ଆଁହଜ଼ରତ ସ.ଅ ବଦର ଯୁଦ୍ଧ ଅଭିମୁଖେ ବାହାରିଲେ ସେତେବେଳେ ଆଁହଜ଼ରତ ସ.ଅ ହଜ଼ରତ ଆସିମ ବିନ୍ ଅଦି ର.ଅଙ୍କୁ କୁବା ଏବଂ ମଦିନାର ସୀମାରେଖା ଠାରୁ ଅମିର ରୂପେ ନିଯୁକ୍ତ କରିଥିଲେ । ଏକ ରିୱାୟତରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ରହା ନାମକ ସ୍ଥାନରେ ରସୁଲୁଲ୍ଲାଃ ସ.ଅ ହଜ଼ରତ ଆସିମ ର.ଅଙ୍କୁ ମଦିନାର ସାମାନ୍ତର ଅମିର ରୂପେ ନିଯୁକ୍ତ କରି ତାଙ୍କୁ ସେଠାରୁ ଫେରେଇ ଦେଇଥିଲେ । କିନ୍ତୁ ଆଁହଜ଼ରତ ସ.ଅ ତାଙ୍କୁ ବଦର ଯୁଦ୍ଧର ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରି ତାଙ୍କ ପାଇଁ ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧରୁ ପ୍ରାପ୍ତ ହୋଇଥିବା ଧନ)ରୁ ମଧ୍ୟ ଏକ ଅଂଶ ପ୍ରଦାନ କରିଥିଲେ । ହଜ଼ରତ ଆସିମ ବିନ୍ ଅଦି ର.ଅ ଓହୋଦ, ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର ସ.ଅଙ୍କ ସହିତ ଶାମିଲ ଥିଲେ । ହଜ଼ରତ ଆସିମ ୪୫ ହିଜରୀରେ ହଜ଼ରତ ମୁଆୱିୟାଙ୍କ ଶାସନକାଳରେ ମଦିନା ଠାରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବେଳେ ତାଙ୍କୁ ୧୧୫ ବର୍ଷ ପୂରିଥିଲା । କେତେକଙ୍କ ନିକଟରେ ସେ ୧୨୦ ବର୍ଷ ବୟସ ପର୍ଯ୍ୟନ୍ତ ଜୀବିତ ଥିଲେ ।

ଯେତେବେଳେ ରସୁଲ କରୀମ ସ.ଅ ସାହାବାମାନଙ୍କୁ ତବୁକ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ପାଇଁ ଆଦେଶ ଦେଲେ ସେତେବେଳେ ହୁଜୁର ସ.ଅ ଧନୀକ ଶ୍ରେଣୀୟ ବ୍ୟକ୍ତିଙ୍କୁ ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ଏବଂ ବାହନ ଉତ୍ସର୍ଗ କରାଇବାକୁ ଆହ୍ୱାନ ଜଣାଇଲେ । ତେଣୁ ଉକ୍ତ ଆହ୍ୱାନ କ୍ରମେ ବିଭିନ୍ନ ବ୍ୟକ୍ତିମାନେ ନିଜ ନିଜ ସାମର୍ଥ୍ୟାନୁଯାୟୀ ଧନ ଏବଂ ବାହନ ଉତ୍ସର୍ଗ କଲେ । ଇତ୍ୟବସରରେ ହଜ଼ରତ ଅବୁ ବକର୍ ର.ଅ ନିଜ ଘରର ସମସ୍ତ ଧନ ଘେନି ଆସିଥିଲେ ଯାହାକି ଚାରି ହଜ଼ାର ଦିରହମ୍ ଥିଲା । ରସୁଲୁଲ୍ଲାଃ ସ.ଅ ହଜ଼ରତ ଅବୁ ବକର୍ ର.ଅଙ୍କୁ ପଚାରିଲେ ଯେ, ଆପଣ ନିଜ ପରିଜନଙ୍କ ପାଇଁ କିଛି ଛାଡ଼ିଛନ୍ତି ନା ନାହିଁ ? ପ୍ରତ୍ୟୁତ୍ତରରେ ହଜ଼ରତ ଅବୁ ବକର ର.ଅ କହିଲେ ମୁଁ ଘରେ କେବଳ ଅଲ୍ଲାଃ ଓ ତାଙ୍କ ରସୁଲଙ୍କୁ ଛାଡ଼ି ଆସିଛି । ହଜ଼ରତ ଉମର ର.ଅ ନିଜ ଘରର ଅର୍ଦ୍ଧ ସମ୍ପତ୍ତି ନେଇ ଆସିଥିଲେ । ଆଁହଜ଼ରତ ସ.ଅ ଉମର ର.ଅଙ୍କୁ କହିଲେ ଯେ, ତୁମେ ନିଜର ପରିଜନଙ୍କ ପାଇଁ କିଛି ଛାଡ଼ିଛ ନା ନାହିଁ ? ପ୍ରତ୍ୟୁତ୍ତରରେ ଉମର୍ ର.ଅ କହିଲେ ଯେ, ଅର୍ଦ୍ଧ ସମ୍ପତ୍ତି ଛାଡ଼ି ଆସିଛି । ଇତ୍ୟବସରରେ ହଜ଼ରତ ଅବ୍ଦୁର ରହମାନ ବିନ୍ ଔଫ ୧୦୦ ଅକ୍ବିୟା (ମୁଦ୍ରାର ପରିମାପ) ଦେଇଥିଲେ । ତେଣୁ ଗୋଟିଏ ଅକ୍ବିୟା ଚାଳିଶ ଦିରହମର ହୋଇଥାଏ । ତେବେ ଆଁହଜ଼ରତ ସ.ଅ କହିଲେ ଯେ, ଉସମାନ ବିନ୍ ଅଫ୍ଫାନ ଓ ଅବ୍ଦୁର ରହମାନ ବିନ ଔଫ ଭୂପୃଷ୍ଠରେ ଅଲ୍ଲାଃତାଲାଙ୍କର ରାଜକୋଷ ମଧ୍ୟରୁ ଅନ୍ୟତମ ରାଜକୋଷ ଅଟନ୍ତି । ଯେଉଁମାନେ ଅଲ୍ଲାଃତାଲାଙ୍କର ଅନୁଗ୍ରହ ତଥା ପ୍ରସନ୍ନତା ପ୍ରାପ୍ତି ପାଇଁ ନିଜର ଧନକୁ ବ୍ୟୟ କରିଥାଆନ୍ତି । ଇତ୍ୟବସରରେ ମହିଳା ସାହାବିୟାମାନେ ମଧ୍ୟ ନିଜର ନନାଦି ଅଳଙ୍କାର ଅଲ୍ଲାଃତାଲାଙ୍କ ମାର୍ଗରେ ଦାନ କରିଦେଇଥିଲେ । ସୁତରାଂ ଏହିପରି ପରିସ୍ଥିତିରେ ହଜ଼ରତ ଆସିମ ବିନ୍ ଅଦି ର.ଅ ଯାହାଙ୍କର ଆଲୋଚନ ହେଉଛି ସେ ୭୦ ୱସକ୍ ଖଜୁରୀ ପ୍ରସ୍ତୁତ କରିଥିଲେ । ଗୋଟିଏ ୱସକ୍ ଖଜୁରୀ ୬୦ ସାଅ ପରିମାପ ବିଶିଷ୍ଟ ପ୍ରାୟ ଅଢେଇ ସେର୍ ହୋଇଥାଏ । ସେହିପରି ଖଜୁରୀର ମୋଟ୍ ଓଜନ ପ୍ରାୟ ୨୬୨ ମନ୍ (ଓଜନ ପରିମାପ) ହୋଇଥାଏ । ଗୋଟିଏ ମନ୍ ପ୍ରାୟ ୪୦ କି.ଗ୍ରା ହୋଇଥାଏ । ସେ ଯାହାହେଉ ନା କାହିଁକି ହଜ଼ରତ ଆସିମ ବିନ ଅଦି ର.ଅଙ୍କ ପାଖରେ ସେ ସମୟରେ ଯେତେ ଖଜୁରୀ ରହିଥିଲା ତାହାଠୁ ବଳି ସେ ଆଣି ପ୍ରସ୍ତୁତ କରିଦେଇଥିଲେ ।

ସେ ସେହି ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯାହାଙ୍କୁ ଆଁହଜରତ ସ.ଅ ମସଜିଦ୍ ଜ଼ିରାର୍ ନାମକ ମସଜିଦକୁ ଭୂମିସାତ୍ କରିବା ପାଇଁ ଆଦେଶ ଦେଇଥିଲେ । ହଜ୍ଜୁର ସ.ଅ ସହାବାମାନଙ୍କୁ ମସଜିଦ୍ ଜ଼ିରାର୍ ଆଡ଼କୁ ଯିବା ପାଇଁ କହିଥିଲେ ଯେ, ସେହି ମସଜିଦକୁ ସେମାନେ ଭୂମିସାତ୍ କରିଦିଅନ୍ତୁ ଏବଂ ନିଆଁ ଲଗାଇ ଦିଅନ୍ତୁ । ସୁତରାଂ ଯେତେବେଳେ ମସଜିଦକୁ ଭୂମିସାତ୍ କରାଗଲା ଏବଂ ନିଆଁ ଲଗା ହେଲା ସେତେବେଳେ ମସଜିଦର ନିର୍ମାଣକର୍ତ୍ତା ମଧ୍ୟ ସେଠାରେ ଉପସ୍ଥିତ ଥିଲେ । କିନ୍ତୁ ନିଆଁ ଲଗାଗଲା ପରେ ସେମାନେ ଏଣେତେଣେ ପଳାୟନ କଲେ । ନବୀ କରୀମ ସ.ଅ ଆସିମ ବିନ୍ ଅଦି ର.ଅଙ୍କୁ ଭୂମିସାତ୍ ହୋଇଥିବା ସ୍ଥାନ ପ୍ରଦାନ କରିବାକୁ ଚାହିଁଲେ । କାରଣ ସେ ସେଠାରେ ନିଜର ଗୃହ ନିର୍ମାଣ କରନ୍ତୁ । କିନ୍ତୁ ଆସିମ ବିନ୍ ଅଦି ର.ଅ କହିଲେ ମୋ ପାଖରେ ଘର ମଧ୍ୟ ଅଛି ଓ ମୋତେ ଏହି ସ୍ଥାନରେ ସଙ୍କୁଚନ ବା ଔଦାସୀନ ପ୍ରତୀତ ହେଉଅଛି । ତେଣୁ ଉକ୍ତ ସ୍ଥାନଟି ହଜ଼ରତ ସାବିତ ବିନ୍ ଅକରମ ର.ଅଙ୍କୁ ଦେଇ ଦିଅନ୍ତୁ । କାରଣ ତାଙ୍କର ଘର ନାହିଁ । ସେ ସେଠାରେ ନିଜର ଗୃହ ନିର୍ମାଣ କରିନେବେ । ସୁତରାଂ ହୁଜୁର୍ ସ.ଅ ଉକ୍ତ ସ୍ଥାନଟି ସାବିତ ବିନ୍ ଅକରମ ର.ଅଙ୍କୁ ପ୍ରଦାନ କରିଥିଲେ ।

ଏକଦା ହଜ଼ରତ ମସିହ ମଉଦ ଅ.ସ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ ଏବଂ ଯେତେବେଳେ ଦିଲ୍ଲୀର ଜାମା ମସଜିଦକୁ ଦେଖିଲେ ସେତେବେଳେ କହିଲେ ଏହା ଅତ୍ୟନ୍ତ ସୁନ୍ଦର ମସଜିଦ ଅଟେ । ପୁନଶ୍ଚ କହିଲେ ଯେ, ମସଜିଦର ବାସ୍ତବିକ ସୁନ୍ଦରତା ଅଟ୍ଟୁଚ୍ଚ ଅଟ୍ଟାଳିକା ବା ଭବନ ସହ ଜଡ଼ିତ ନୁହେଁ ବରଂ ନମାଜ ପାଠକାରୀଙ୍କ ସହ ଜଡ଼ିତ ଅଟେ, ଯେଉଁମାନେ ନିଷ୍ଠାର ସହିତ ନମାଜ଼ ପାଠ କରନ୍ତି । ଆଁହଜ଼ରତ ସ.ଅଙ୍କ ସମୟରେ ସାଂସାର ପ୍ରେମୀମାନେ ମଧ୍ୟ ଏକ ମସଜିଦ ନିର୍ମାଣ କରିଥିଲେ । ଯାହାକୁ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ଭୂମିସାତ୍ କରି ଦିଆଯାଇଥିଲା । ମସଜିଦଗୁଡ଼ିକ ପାଇଁ ଏହା ଆଦେଶ ରହିଛି ଯେ, ମସଜିଦ କେବଳ ଧର୍ମନିଷ୍ଠା ପାଇଁ ହିଁ ନିର୍ମାଣ କରାଯାଉ ।

ହଜ଼ରତ ଖଲିଫତୁଲ୍ ମସିହ ଅୱଲ ର.ଅ لِمَنْ حَارَبَ اللّٰهُର ବ୍ୟାଖ୍ୟା କରି କହନ୍ତି ଯେ, ଏହା ଅବୁ ଆମିରଙ୍କ ଆଡ଼କୁ ଇଙ୍ଗିତ କରୁଛି । ଯିଏକି ଖ୍ରୀଷ୍ଟୀୟ ଧର୍ମାବଲମ୍ବୀ ଥିଲେ । ତାହାର ଯୋଜନା ମଧ୍ୟରୁ ଏକ ଯୋଜନା ଏହା ମଧ୍ୟ ରହିଥିଲା ଯେ, ଯଦି ରସୁଲୁଲ୍ଲାଃ ସ.ଅ ଏହି ମସଜିଦରେ ନମାଜ଼ ପଢି ନେବେ ତେବେ ମୁସଲମାନମାନେ ମଧ୍ୟ ଏହି ମସଜିଦକୁ  ନମାଜ଼ ପଢିବା ପାଇଁ ଆସିବେ । ତେଣୁ କୌଶଳ କ୍ରମେ ମୁଁ ମୁସଲମାନ ଦଳରେ ଫାଟ ସୃଷ୍ଟି କରି ସେମାନଙ୍କୁ ଧର୍ମରୁ ଓହୋରି ଯିବା ପାଇଁ ବାଧ କରିବି ।

ଦ୍ୱିତୀୟ ସାହାବୀ ଯାହାଙ୍କର ଆଲୋଚନା ହେବ ତାଙ୍କର ନାମ ହେଲା **ହଜ଼ରତ ଅମ୍ର ବନ୍ ଔଫ** ର.ଅ । ସେ ମକ୍କା ଠାରେ ଭୂମିଷ୍ଠ ହୋଇଥିଲେ । ଇବ୍ନେ ସାଆଦଙ୍କ ମତରେ ସେ ୟମନର ଅଧିବାସୀ ଅଟନ୍ତି । ହଜ଼ରତ ଅମ୍ର ବିନ୍ ଔଫ ପୁରାତନ ଇସଲାମ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି । ହଜ଼ରତ ଅମ୍ର ବିନ୍ ଔଫ ମକ୍କାରୁ ମଦିନା ପ୍ରବାସ ବେଳେ କୁବା ଠାରେ ହଜ଼ରତ କୁଲସୁମ ବିନ୍ ଅଲ୍ ହଦମଙ୍କ ଘରେ ଅଧିବାସ ଗ୍ରହଣ କରିଥିଲେ । ହଜ଼ରତ୍ ଅମ୍ର ବିନ୍ ଔଫ ର.ଅ ବଦର୍, ଓହୋଦ, ଖନ୍ଦକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର ସ.ଅଙ୍କ ସହିତ ଶାମିଲ ଥିଲେ । ହଜ଼ରତ ଅମ୍ର ବିନ ଔଫ ର.ଅଙ୍କର ମୃତ୍ୟୁ ହଜ଼ରତ ଉମର ର.ଅଙ୍କ ଶାସନ କାଳରେ ହୋଇଥିଲା ଏବଂ ତାଙ୍କର ନମାଜ଼ ଯନାଜ଼ାଃ ହଜ଼ରତ ଉମର ର.ଅ ପଢେଇ ଥିଲେ ।

ତୃତୀୟ ସାହାବୀ ହେଉଛନ୍ତି **ହଜ଼ରତ ମାଅନ ବନ୍ ଅଦ ର.ଅ** । ସେ ଅନସାର ସମ୍ପ୍ରଦାୟର ବନୁ ଅମ୍ର ବିନ ଔଫ ମିତ୍ର ଥିଲେ । ସେ ୭୦ ଜଣ ଅନସାରମାନଙ୍କ ସହିତ ବୈଅତେ ଅକ୍ବାରେ ଶାମିଲ ହୋଇଥିଲେ । ସେ ଇସଲାମ ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ ଆରବୀ ଭାଷାରେ ଲେଖିବା ଜାଣିଥିଲେ । ହଜ଼ରତ ମାଅନ ର.ଅ ବଦର, ଓହୋଦ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର ସ.ଅଙ୍କ ସହିତ ଶାମିଲ ଥିଲେ । ହଜ଼ରତ ଉମର ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆଁହଜ଼ରତ ସ.ଅଙ୍କର ଅକାଳ ବିୟୋଗ ଘଟିଲା ସେତେବେଳେ ମୁଁ ହଜ଼ରତ ଅବୁ ବକର ର.ଅଙ୍କୁ କହିଲି ଯେ, ଆପଣ ଆମର ଭାଇ ଅନସାରଙ୍କ ନିକଟକୁ ଆମ ସହିତ ଚାଲନ୍ତୁ । ସୁତରାଂ ଆମେ ଗଲୁ ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ପୁଣ୍ୟବାନ, ଭଦ୍ର ବ୍ୟକ୍ତିଙ୍କୁ ଆମେ ପାଇଲୁ ଯେଉଁମାନ ବଦର ଯୁଦ୍ଧରେ ଶାମିଲ ହୋଇଥିଲେ । ଯେତେବେଳେ ମୁଁ ଉରୱାହ ବିନ୍ ଜୁବୈରଙ୍କୁ କହିଲି ସେତେବେଳେ ସେ କହିଲେ କି ସେ ହଜ଼ରତ ଉୱୈମ ବିନ୍ ସାଆଦା ଓ ହଜ଼ରତ ମାଅନ ବିନ୍ ଅଦି ହିଁ ଥିଲେ । ଉକ୍ତ ଘଟଣାର ବ୍ୟାଖ୍ୟା କରି ହୁଜୁର ଅନୱର ଅ.ବ କହିଲେ : ହଜ଼ରତ ଇବ୍ନେ ଅବ୍ବାସ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୁଁ ହଜ଼ରତ ଅବ୍ଦୁର ରହମାନ ବିନ୍ ଔଫଙ୍କ ସେହି ଘରେ ରହିଥିଲି ଯାହାକି ମିନାରେ ଅବସ୍ଥିତ

ଏବଂ ସେ ଉମର ବିନ୍ ଖତ୍ତାବ ର.ଅଙ୍କ ନିକଟକୁ ଯାଇଥିଲେ । ଯେତେବେଳେ ଅବ୍ଦୁର ରହେମାନ ମୋ ପାଖକୁ ଫେରି ଆସିଲେ, ସେତେବେଳେ ସେ କହିଲେ ଯେ, ଏପରି ହୁଅନ୍ତା କି ତୁମେ ବି ସେହି ବ୍ୟକ୍ତିକୁ ଦେଖନ୍ତ ଯିଏ ଆଜି ଅମିରୁଲ୍ ମୁମିନିନଙ୍କ ପାଖକୁ ଆସି କହିବାକୁ ଲାଗିଲା ଯେ, ଅମିରୁଲ୍ ମୁମିନିନ ! ଆପଣଙ୍କୁ ଅମକ ବ୍ୟକ୍ତି ସଂପର୍କରେ କ'ଣ ଜ୍ଞାତ ହୋଇଛି । ସେ କହୁଛି ଯେ, ଯଦି ଉମର ର.ଅ ଗଲେ ତେବେ ମୁଁ ଅମୁକ ବ୍ୟକ୍ତିର ଦୀକ୍ଷା ଗ୍ରହଣ କରିବି ଏବଂ ପୁନଶ୍ଚ ସେହି ବ୍ୟକ୍ତି କହିଲା ଯେ, ମୁଁ ଈଶ୍ୱରଙ୍କ ସପଥ କରି କହୁଛି ଯେ, ଅବୁ ବକରଙ୍କ ବୈଅତ ତ' ନ୍ୟୁନାଧିକ ବା ତାରତମ୍ୟ ଯୋଗୁଁ ହୋଇଯାଇଛି । ଏହା ଶୁଣି ହଜ଼ରତ ଉମର ର.ଅ ଦୁଃଖିତ ହେଲେ ଏବଂ ସେ କହିଲେ ଯେ, ଯଦି ଅଲ୍ଲାଃତାଲା ଚାହାଁନ୍ତି ତେବେ ମୁଁ ଲୋକଙ୍କ ମଧ୍ୟରେ ଛିଡ଼ା ହେବି ଏବଂ ସେମାନଙ୍କୁ ସେହି ଲୋକମାନଙ୍କ ସହ ପରିଚିତ କରାଇବି ଯେଉଁମାନେ ବଳପୂର୍ବକ ତାଙ୍କ ବିଷୟକୁ ନିଜ ହାତକୁ ନେବାକୁ ଚେଷ୍ଟା କରୁଛନ୍ତି । ଦିନେ ଉମର ର.ଅ ମଞ୍ଚ ନିକଟରେ ବସି ପଡ଼ିଲେ ଅଜ଼ାନ ପରେ ଛିଡ଼ା ହୋଇ ଅଲ୍ଲାଃତାଲାଙ୍କ ମହିମାଗାନ କରି କହିଲେ ଅମ୍ମା ବାଦ (ଅର୍ଥାତ ଏହା ପରେ ) ମୁଁ ତୁମକୁ ଏମିତି ଏକ କଥା କହିବାକୁ ଯାଉଛି ଯାହାକି ମୋ ପାଇଁ ପୂର୍ବ ନିର୍ଦ୍ଧାରିତ ହୋଇଥିଲା ଯେ, ଯେପରି ମୁଁ ଉକ୍ତ କଥାକୁ କହେ । ପୁନଶ୍ଚ ହଜ଼ରତ ଉମର ର.ଅ କହିଲେ ଯେ, ମୋତେ ଏହି ସୂଚନା ପ୍ରାପ୍ତ ହୋଇଛି ଯେ, ତୁମମାନଙ୍କ ମଧ୍ୟରୁ ଜଣେ କୁହାଳୀ, ଏହା କହୁଛି ଯେ, ହଜ଼ରତ ଅବୁ ବକର ର.ଅଙ୍କ ଖିଲାଫତ ତ' ଏମିତି ହୋଇଯାଇଛି ।

ହୁଜୁର ଅନୱର ଅ.ବ କହିଲେ ଯେ, ଏ ସଂକ୍ରାନ୍ତରେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଉମର ର.ଅ କହିଲେ ଯେ, କୌଣସି ବ୍ୟକ୍ତି ଦ୍ୱନ୍ଦ୍ୱରେ ନରହୁ ଏବଂ ଏହା ନ କହୁ ଯେ, ଅବୁ ବକର ର.ଅଙ୍କ ବୈଅତ ତ' ଏମିତି ନ୍ୟୁନାଧିକ ତାରତମ୍ୟ ଯୋଗୁଁ ଭୂଲବଶତଃ ହୋଇଯାଇଥିଲା । ଶୁଣ ଏହା ସଠିକ କଥା ଯେ, ସେହି ବୈଅତଟି ଏହିପରି ପରିସ୍ଥିତିରେ ହୋଇଯାଇଥିଲା ସତ କିନ୍ତୁ ଅଲ୍ଲାଃତାଲା ସେହି ନ୍ୟୁନାଧିକ ତାରତମ୍ୟ ବୈଅତର କୁପ୍ରଭାବରୁ ସୁରକ୍ଷିତ ରଖିଲେ ଏବଂ ତୁମମାନଙ୍କ ମଧ୍ୟରେ ଅବୁ ବକର ର.ଅଙ୍କ ସମତୁଲ୍ୟ କେହି ବ୍ୟକ୍ତି ନାହାନ୍ତି । ପୁନଶ୍ଚ ଉମର ର.ଅ କହିଲେ ଯେ, ଯେଉଁ ବ୍ୟକ୍ତି ମୁସଲମାନମାନଙ୍କ ବିନା ପରାମର୍ଶରେ କୌଣସି ବ୍ୟକ୍ତିର ଦୀକ୍ଷା ଗ୍ରହଣ କରେ ତେବେ ତାହା ହସ୍ତରେ ବୈଅତ ନକରାଯାଉ ଓ ନା ହିଁ ସେହି ବ୍ୟକ୍ତିର ଦୀକ୍ଷା ବା ବୈଅତ କରାଯାଉ ଯିଏ ଉକ୍ତ ବ୍ୟକ୍ତିର ଦୀକ୍ଷା ଗ୍ରହଣ କରିଥିବ । ପୁନଶ୍ଚ ହଜ଼ରତ ଉମର ର.ଅ କହିଲେ ଯେ, ଯେତେବେଳେ ଅଲ୍ଲାଃତାଲା ଆଁହଜ଼ରତ ସ.ଅଙ୍କୁ ମୃତ୍ୟୁ ପ୍ରଦାନ କଲେ ସେତେବେଳେ ଅନସାରମାନେ ଆମ ବିପକ୍ଷରେ ଛିଡ଼ା ହୋଇଗଲେ ଏବଂ ଆମେ ସମସ୍ତ ସକ଼ିଫା ବନୁ ସାଆଦା ଠାରେ ଏକତ୍ର ହୋଇ ଅବୁ ବକର ର.ଅଙ୍କ ନିକଟକୁ ଗଲୁ ମୁଁ (ହଜ଼ରତ ଉମର) ଅବୁ ବକର ର.ଅଙ୍କୁ କହିଲି ଯେ, ହେ ଅବୁ ବକର ! ଆସନ୍ତୁ ଆମେ ସେହି ଅନସାର ଭାଇମାନଙ୍କ ପାଖକୁ ଯିବା । ତେଣୁ ଆମେମାନେ ଯେତେବେଳେ ସେମାନଙ୍କ ପାଖରେ ପହଞ୍ଚିଲୁ ସେତେବେଳେ ସେମାନଙ୍କ ମଧ୍ୟରୁ ଆମକୁ ଦୁଇ ଜଣ ଭଦ୍ର ବ୍ୟକ୍ତି ମିଳିଲେ । ତନ୍ମଧ୍ୟରୁ ହଜ଼ରତ ମାଅନ ବିନ୍ ଅଦି ଅନ୍ୟତମ ଥିଲେ । ସେ କହିଲେ ଯେ, ହେ ପ୍ରବାସକାରୀଙ୍କ ଦଳ ! ତୁମେମାନେ କେଉଁଠାକୁ ଯିବାକୁ ଚାହୁଁଛ ? ଆମେମାନେ କହିଲୁ ଯେ, ଆମେମାନେ ଅନସାର ଭାଇମାନଙ୍କ ସହ ସାକ୍ଷାତ୍ କରିବାକୁ ଚାହୁଁଛୁ । ତେବେ ସେହି ଦୁଇ ଜଣ ବ୍ୟକ୍ତି କହିଲେ ଯେ, ଆପଣମାନେ ସେଠାକୁ କଦାପି ଯାଆନ୍ତୁ ନାହିଁ । ତୁମେମାନେ ଯାହାବି ପରାମର୍ଶ କରିବାକୁ ଚାହୁଁଛ ତାହା ନିଜେ କରିନିଅ । ହଜ଼ରତ ଉମର ର.ଅ କହନ୍ତି ଯେ, ମୁଁ କହିଲି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆମେମାନେ ସେମାନଙ୍କ ନିକଟକୁ ନିଶ୍ଚୟ ଯିବୁ । ତେଣୁ ଆମେମାନେ ଏହା କହି ସେହି ଅନସାରମାନଙ୍କ ପାଖକୁ ଯିବାକୁ ବାହାରି ପଡ଼ିଲୁ ଏବଂ ବନୁ ସାଆଦାର ଚାନ୍ଦୁଆରେ ସେମାନଙ୍କ ନିକଟରେ ପହଞ୍ଚିଲୁ । ସେଠାରେ ହଜ଼ରତ ଅବୁ ବକର ଓ ହଜ଼ରତ ଉମର ର.ଅଙ୍କର ଅନସାରମାନଙ୍କ ସହିତ ଖିଲାଫତର ନିର୍ବାଚନ ସଂପର୍କରେ ଦୀର୍ଘ ସମୟ ଧରି ଯୁକ୍ତିତର୍କ ହେଲା । ଯାହାର ବିସ୍ତୃତ ବିବରଣୀ ହଜ଼ରତ ମୁଲେହ ମଉଦ ର.ଅ ବର୍ଣ୍ଣନା କରିଛନ୍ତି । ମୁଁ ଏଠାରେ ତାହା ବର୍ଣ୍ଣନା କରିଦେଉଛି । ମୁସଲେହ ମଉଦ ର.ଅ କହନ୍ତି ଯେ, ରସୁଲ କରୀମ ସ.ଅଙ୍କ ବିୟୋଗ ପରେ ସାହାବାମାନେ ତିନି ଗୋଷ୍ଠୀରେ ବିଭାଜିତ ହୋଇଯାଇଥିଲେ । ପ୍ରଥମ ଗୋଷ୍ଠୀ ଏହା ଭାବିଲା ଯେ, ନବୀଙ୍କର ଉଦ୍ଦେଶ୍ୟକୁ ତାଙ୍କର ପରିବାର ବର୍ଗୀୟ ବ୍ୟକ୍ତିମାନେ ହିଁ ଭଲଭାବେ ବୁଝିପାରିବେ । ଅତଃ ନବୀ କରୀମ ସ.ଅଙ୍କ ପରିବାରବର୍ଗଙ୍କ ମଧ୍ୟରୁ ହିଁ ଜଣେ ବ୍ୟକ୍ତି ଖଲିଫା ରୂପେ ନିଯୁକ୍ତ ହେଉ ।

କିନ୍ତୁ ଯେଉଁ ଦ୍ୱିତୀୟ ଗୋଷ୍ଠୀଟି ଥିଲା ସେ ଭାବିଲା ଯେ, ଖଲିଫା ହେବା ନିମନ୍ତେ ତାଙ୍କ (ଅର୍ଥାତ୍ ଆଁହଜ଼ରତ ସ.ଅଙ୍କ) ପରିବାରବର୍ଗୀୟ ମଧ୍ୟରୁ ହେବାର କୌଣସି ଆବଶ୍ୟକତା ନାହିଁ । ଉଦ୍ଦେଶ୍ୟ ତ' କେବଳ ରସୁଲୁଲ୍ଲାଃ ସ.ଅଙ୍କର ଜାନଶିନ୍ (ସ୍ଥାନାପନ୍ନ) ନିଯୁକ୍ତ ହେଉ । ଆଗକୁ ଚାଲି ଏହି ଗୋଷ୍ଠୀ ପୁଣି ଦୁଇ ଭାଗ ହୋଇଗଲା । ଗୋଟିଏ ଗୋଷ୍ଠୀ ଏହା ଚିନ୍ତା କରୁଥିଲା ଯେ, ଯେଉଁ

ଲୋକମାନେ ଦୀର୍ଘ ସମମୟ ଧରି ରସୁଲୁଲ୍ଲାଃ ସ.ଅଙ୍କ ଅଧୀନରେ ପ୍ରଶିକ୍ଷିତ ହୋଇଥିଲେ ସେହିମାନେ ହିଁ ଖିଲାଫତର ପ୍ରକୃତ ଅଧିକାରୀରୂପେ ବିବେଚିତ ହେବେ । ଅର୍ଥାତ ପ୍ରବାସକାରୀମାନେ ଓ ସେହି ଲୋକମାନଙ୍କ ମଧ୍ୟରୁ ଯେଉଁମାନେ କୁରେଶ ଅଟନ୍ତି ଏବଂ ଯେଉଁମାନଙ୍କ କଥା ମାନିବାକୁ ଆରବବାସୀ ପ୍ରସ୍ତୁତ ହୋଇପାରିବେ । ଦ୍ୱିତୀୟ ଗୋଷ୍ଠୀ ଏହା ମନେକଲା ଯେ, ରସୁଲ କରୀମ ସ.ଅଙ୍କର ବିୟୋଗ ମଦିନା ଠାରେ ହୋଇଛି ଏବଂ ମଦିନାରେ ଅନସାରମାନଙ୍କର ପ୍ରଭାବ ରହିଛି ତେଣୁ ଅନସାରମାନେ ହିଁ ଉକ୍ତ ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରିପାରିବେ । ହଜ଼ରତ ମୁସଲେହ ମଉଦ ର.ଅ ଉଲ୍ଲେଖ କରନ୍ତି ଯେ, ଉକ୍ତ ମତାନ୍ତର ଉପରେ ବର୍ତ୍ତମାନ ଅନ୍ୟ କେତେକ ଲୋକମାନେ ବିଚାର କରୁଥିଲେ ଏବଂ ସେମାନେ କୌଣସି ଫଳାଫଳ ପର୍ଯ୍ୟନ୍ତ ଉପନୀତ ହୋଇ ନଥିଲେ କି  ସେହି ଶେଷ ଗୋଷ୍ଠୀ ଯିଏକି ଅନସାରମାନଙ୍କ ସପକ୍ଷରେ ଥିଲା ସେ ବନି ସାଆଦାର ବାରେଣ୍ଡାରେ ଏକତ୍ରିତ ହୋଇ ଏ ସଂପର୍କରେ ପରାମର୍ଶ ଦେବା ଆରମ୍ଭ କଲା ଏବଂ ସାଅଦ ବିନ୍ ଉବାଦା ଯିଏକି ଖଜ଼ରଜ ସଂପ୍ରଦାୟର ନେତା ଥିଲେ ଏବଂ ଘୋଷକ, ପଥଦର୍ଶକ ଏବଂ ବାହକ ଥିଲେ । ତାଙ୍କ ସଂପର୍କରେ ଲୋକମାନଙ୍କର ଏଥିପ୍ରତି ରୂଚି ଉତ୍ପନ୍ନ ହୋଇଗଲା ଯେ, ତାଙ୍କୁ ଖଲିଫା ନିଯୁକ୍ତ କରାଯାଉ । ସୁତରାଂ ଯେତେବେଳେ ଏହି ପରାମର୍ଶଟି ହୋଇଗଲା ଏବଂ ଏହାର ସୂଚନା ଯେତେବେଳେ ପ୍ରବାସକାରୀମାନଙ୍କୁ ମିଳିଲା ସେତେବେଳେ ସେମାନେ ଶୀଘ୍ରାତିଶୀଘ୍ର ସେଠାରେ ଏକତ୍ରିତ ହୋଇଗଲେ । କାରଣ ସେମାନେ ଏହା ମନେକରୁଥିଲେ ଯେ, ଯଦି ପ୍ରବାସକାରୀଙ୍କ ମଧ୍ୟରୁ କେହି ଖଲିଫା ନହେଲା ତେବେ ଆରବୀୟମାନେ ଉକ୍ତ ଖଲିଫା ପ୍ରତି ଆନୁଗତ୍ୟ ପ୍ରକାଶ କରିବେ ନାହିଁ । ଏହା କେବଳ ମଦିନା ସଂପର୍କିତ କଥା ନୁହେଁ ବରଂ ସମ୍ପୂର୍ଣ୍ଣ ଆରବ ସଂପର୍କିତ କଥା ଅଟେ । ହଜ଼ରତ ଉମର ର.ଅ କହନ୍ତି ମୁଁ ଉକ୍ତ ଘଟଣା ସଂପର୍କରେ ଏକ ଦୀର୍ଘ ପ୍ରବନ୍ଧ ବର୍ଣ୍ଣନା କରିବାକୁ ଭାବି ଥିଲି ଏବଂ ମୋର ଉଦ୍ଦେଶ୍ୟ ଥିଲା ଯେ, ମୁଁ ଯିବା କ୍ଷଣେ ଏମିତି ଏକ ଭାଷଣ ଦେବି ଯଦ୍ୱାରା ସମସ୍ତ ଅନସାରମାନେ ମୋର ପ୍ରମାଣରେ ସହମତ ହୋଇଯିବେ । କିନ୍ତୁ ଯେତେବେଳେ ମୁଁ ସେଠାରେ ପହଞ୍ଚିଲି ସେତେବେଳେ ହଜ଼ରତ ଅବୁ ବକର ଭାଷଣ ଦେବା ପାଇଁ ଛିଡ଼ା ହୋଇଗଲେ । ଈଶ୍ୱରଙ୍କର ଶପଥ କରି କହୁଛି, ମୁଁ ଯେଉଁସବୁ କଥା ଭାବିଥିଲି ସେହି ସମସ୍ତ କଥାକୁ ସେ ବର୍ଣ୍ଣନା କରିଦେଲେ । କେବଳ ସେତିକି ନୁହେଁ ବରଂ ଏହା ବ୍ୟତୀତ ସେ ନିଜ ତରଫରୁ ମଧ ଅନେକ ପ୍ରମାଣ ଦେଲେ ଯାହାଫଳରେ ମୁଁ ଏହା ବୁଝିଲି ଯେ, ମୁଁ ଅବୁ ବକର ର.ଅଙ୍କର ମୁକାବିଲା କରିପାରିବି ନାହିଁ । ହଜ଼ରତ ଅବୁ ବକର ର.ଅ ଏହି ହଦିସଟି ବର୍ଣ୍ଣନା କଲେ ଯେ, اَلاَئِمَّةُ مِنْ قُرَيْشٍ ପ୍ରତ୍ୟୁତ୍ତରରେ ହୁବ୍ବାବ୍ ବିନ୍ ମୁନଜ଼ର ଖଜ଼ରଜି ର.ଅ ବିରୋଧ କଲେ ଏବଂ କହିଲେ କି ଆମେ ଏକଥାକୁ ସ୍ୱୀକାର କରିପାରିବୁ ନାହିଁ ଯେ, ପ୍ରବାସକାରୀମାନଙ୍କ ମଧ୍ୟରୁ ଖଲିଫା ହେବା ଉଚିତ । ହଁ ଯଦି ଆପଣମାନେ କୌଣସି ପ୍ରାକାରେ ମାନିବେ ନାହିଁ ଏବଂ ଆପଣମାନେ ଉକ୍ତ ବିଷୟ ପ୍ରତି ଜିଦ୍ ଧରିଛନ୍ତି ତେବେ ଏହା ହିଁ ହେବା ଉଚିତ ଯେ, ଆପଣମାନଙ୍କ ମଧ୍ୟରୁ ଜଣେ ଏବଂ ଆମମାନଙ୍କ ମଧ୍ୟରୁ ଜଣେ ଅମିର ନିଯୁକ୍ତ କରିବା । ହଜ଼ରତ ଉମର ର.ଅ କହିଲେ ଭାବିଚିନ୍ତି କଥା କୁହ । ତୁମେ କ'ଣ ଜାଣି ନାହଁ ଯେ, ରସୁଲ କରୀମ ସ.ଅ କହିଥିଲେ ଯେ, ଏକ ସମୟରେ ଦୁଇଟି ଅମିର ହେବା ଅନୁଚିତ । ହୁଜ଼ୁର ଅନୱର୍ କହିଲେ ଯେ, ପୁଣି କିଛି ଯୁକ୍ତିତର୍କ ପରେ ହଜ଼ରତ ଅବୁ ଉବୈଦା ର.ଅ ଛିଡ଼ା ହେଲେ ଏବଂ ଅନସାରମାନଙ୍କର ଧ୍ୟାନ ଆକର୍ଷଣ କଲେ ଯେ, ତୁମେମାନେ ପ୍ରଥମ ଜାତି ଅଟ ଯିଏ ମକ୍କା ବାହାରେ ବିଶ୍ୱାସ ଆଣିଛି । ବର୍ତ୍ତମାନ ଆଁହଜ଼ରତ ସ.ଅଙ୍କ ବିୟୋଗ ପରେ ତୁମେ ପ୍ରଥମ ଜାତି ହୁଅ ନାହିଁ ଯେଉଁମାନେ ଧର୍ମର ଉଦ୍ଦେଶ୍ୟକୁ ପରିବର୍ତ୍ତନ କରିଦେଇଛି । କୁହାଯାଏ ଯେ, ଏହି କଥାର ଲୋକମାନଙ୍କ ଉପରେ ଏପରି ପ୍ରଭାବ ପଡ଼ିଲା ଯେ, ବଶୀର ବିନ୍ ଖଜ଼ରଜି ଛିଡ଼ା ହେଲେ ଏବଂ ସେ ନିଜ ଗୋଷ୍ଠୀକୁ କହିଲେ କି ଏହି ଲୋକମାନେ (ଯାହା କହୁଛନ୍ତି) ସତ କହୁଛନ୍ତି । ଆମେମାନେ ମୁହମ୍ମଦ ସ.ଅଙ୍କର ସେବା ଓ ସାହାଯ୍ୟ ଏଥିପାଇଁ କରିନଥିଲୁ ଯେ, ଆମକୁ ସଂସାରରିକ ଉଦ୍ଦେଶ୍ୟ ପ୍ରାପ୍ତ ହେଉ କିମ୍ବା ଏହି ଉଦ୍ଦେଶ୍ୟ ରଖି ଆପଣ ସ.ଅଙ୍କର ସେବା ବା ସାହାଯ୍ୟ କରିନଥିଲୁ ଯେ, ଆମକୁ ଆପଣ ସ.ଅଙ୍କ ପରେ ଶାସନ ଭାର ପ୍ରାପ୍ତ ହେଉ । ବରଂ ଆମେ ହୁଜ଼ୁର ସ.ଅଙ୍କୁ ସାହାଯ୍ୟ ଏଇଥିପାଇଁ କରିଥିଲୁ ଯେ, ଆମକୁ ଈଶ୍ୱର ପ୍ରାପ୍ତ ହୁଅନ୍ତୁ । ପ୍ରତ୍ୟୁତ୍ତରରେ ଆଉ କିଛି ସମୟ ଧରି ଯୁକ୍ତିତର୍କ ଚାଲିଲା କିନ୍ତୁ ଅଧ ଘଣ୍ଟା ପଇଞ୍ଚାଳିଶ ମିନିଟ୍ ପରେ ଲୋକମାନେ ଏଥିରେ ଏକମତ ହେଲେ ଯେ, ପ୍ରବାସକାରୀମାନଙ୍କ ମଧ୍ୟରୁ ଜଣଙ୍କୁ ଖଲିଫା ରୂପେ ନିଯୁକ୍ତ କରିବା ଉଚିତ । ସୁତରାଂ ହଜ଼ରତ ଅବୁ ବକର, ହଜ଼ରତ ଉମର ଏବଂ ଅବୁ ଉବୈଦା ର.ଅଙ୍କୁ ଉକ୍ତ ପଦ ପାଇଁ ପ୍ରାର୍ଥୀ ରୂପେ ଚୟନ କରାଗଲା । କିନ୍ତୁ ହଜ଼ରତ ଉମର ଏବଂ ଅବୁ

ଉବୈଦା ଉକ୍ତ ପଦରେ ଅଧିଷ୍ଠିତ ହେବା ପାଇଁ ଅସ୍ୱୀକାର କଲେ ଏବଂ କହିଲେ ଯେଉଁ ବ୍ୟକ୍ତିଙ୍କୁ ରସୁଲ୍ କରୀମ ସ.ଅ ନିଜର ଅସୁସ୍ଥତା ଦିନରେ ନମାଜ଼ର ଇମାମ ରୂପେ ନିଯୁକ୍ତ କରିଥିଲେ ଏବଂ ଯିଏ ସମସ୍ତ ପ୍ରବାସକାରୀମାନଙ୍କ ମଧ୍ୟରୁ ସର୍ବୋତ୍ତମ ଅଟନ୍ତି, ଆମେ ସେହି ବ୍ୟକ୍ତିଙ୍କର ବୈଅତ କରିବୁ । ସୁତରାଂ ଏହି କଥା ଶୁଣି ଲୋକମାନେ ହଜ଼ରତ ଅବୁ ବକର ର.ଅଙ୍କ ହସ୍ତରେ ବୈଅତ କରିବାକୁ ଲାଗିଲେ । ପ୍ରଥମେ ହଜ଼ରତ ଉମର ର.ଅ, ପୁନଶ୍ଚ ହଜ଼ରତ ଅବୁ ଉବୈଦା ର.ଅ ବୈଅତ କଲେ । ତା'ପରେ ବଶୀର ବିନ୍ ଖଜ଼ରଜୀ ବୈଅତ କଲେ ଏବଂ ପରେ ଔସ୍ ଏବଂ ଖଜ଼ରଜ ସଂପ୍ରଦାୟର ଅନ୍ୟ ଲୋକମାନେ ବୈଅତ କଲେ । ତେଣୁ ଖୁବ କମ ସମୟରେ ସାଆଦ ଏବଂ ହଜ଼ରତ ଅଲୀ ର.ଅଙ୍କ ବ୍ୟତୀତ ଅନ୍ୟ ସମସ୍ତ ଲୋକମାନେ ବୈଅତ କଲେ । ହଜ଼ରତ ଅଲୀ କିଛି ଦିନ ପରେ ବୈଅତ କରିଥିଲେ । କେତେକ ରିୱାୟତରେ ତିନି ଦିନର ଉଲ୍ଲେଖ ରହିଛି ତ' ଆଉ କେତେକ ରିୱାୟତରେ ୬ ମାସର ଉଲ୍ଲେଖ ରହିଛି । ୬ ମାସର ରିୱାୟତରେ ଏହା ମଧ୍ୟ ବର୍ଣ୍ଣନା ହୋଇଛି ଯେ, ହଜ଼ରତ ଅଲୀ ର.ଅ ହଜ଼ରତ ଫାତିମା ର.ଅଙ୍କ ରୋଗୀସେବାରେ ବ୍ୟସ୍ତତା ଯୋଗୁଁ ହଜ଼ରତ ଅବୁ ବକର ର.ଅଙ୍କର ବୈଅତ କରିପାରି ନଥିଲେ । ଯେତେବେଳେ ସେ ବୈଅତ କରିବା ପାଇଁ ଆସିଲେ ସେତେବେଳେ ସେ କ୍ଷମା ଯାଚନା ମଧ୍ୟ କରିଥିଲେ । କାରଣ ସେ କହିଲେ ଯେ, ଫାତିମା ର.ଅ ଅସୁସ୍ଥ ଥିଲେ ଏଇଥିପାଇଁ ମୁଁ ବୈଅତ କରିବାରେ ବିଳମ୍ବିତ ହୋଇଯାଇଥିଲି ।

ହଜ଼ରତ ଉରୱତା ବିନ୍ ଜୁବୈର ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଅଲ୍ଲାଃତାଲା ରସୁଲ କରୀମ ସ.ଅଙ୍କୁ ମୃତ୍ୟୁ ପ୍ରଦାନ କଲେ ସେତେବେଳେ ଲୋକମାନେ ଶୋକ ବ୍ୟକ୍ତ କରି ଖୁବ କ୍ରନ୍ଦନ କରିଥିଲେ ଏବଂ ସେମାନେ କହିଲେ ଯେ, ଈଶ୍ୱରଙ୍କର ଶପଥ କରି କହୁଛୁ ଯେ, ଆମେ ଏହା ଆଶା କରୁଥିଲୁ ଯେ, ଆମେ ରସୁଲୁଲ୍ଲାଃ ସ.ଅଙ୍କ ପୂର୍ବରୁ ମରିଯିବୁ । ଆମେ ଶଙ୍କାରେ ଗତି କରୁଥିଲୁ ଯେ, ଆମେ କାଳେ ରସୁଲୁଲ୍ଲାଃ ସ.ଅଙ୍କ ବିୟୋଗ ପରେ କୌଣସି ଉପଦ୍ରବରେ ପିଡ଼ୀତ ନହୋଇଯାଉ । ପ୍ରତ୍ୟୁତ୍ତରରେ ହଜ଼ରତ ମାଅନ ର.ଅ କହିଲେ ଯେ, ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯେ, ମୁଁ ଏହା ଚାହୁଁ ନଥିଲି ଯେ, ମୁଁ ଅନ୍ୟମାନଙ୍କ ପରି ରସୁଲୁଲ୍ଲାଃସ.ଅଙ୍କ ପୂର୍ବରୁ ମରିଯାଏ ? ବରଂ ମୁଁ ଏହା ଚାହୁଁଥିଲି ଯେ, ଯେପର୍ଯ୍ୟନ୍ତ ମୁଁ ଆଁହଜ଼ରତ ସ.ଅଙ୍କ ବିୟୋଗ ପରେ ଆଁହଜ଼ରତ ସ.ଅଙ୍କର ପୁଷ୍ଟି ନକରିଦେଇଛି, ଯେପରି ମୁଁ ହୁଜ୍ଜୁର ସ.ଅଙ୍କ ଜୀବିତାବସ୍ଥାରେ ପୁଷ୍ଟି କରିଥିଲି । ସେହିପରି ହୁଜ୍ଜୁର ସ.ଅଙ୍କ ବିୟୋଗ ପରେ ମଧ୍ୟ ଉକ୍ତ କଥାର ପୁଷ୍ଟି ନକରିଦେଇଛି ଯେ, ଯେଉଁ ଖିଲାଫତେ ରାଶେଦାର ଭବିଷ୍ୟବାଣୀ ହୁଜ୍ଜୁର୍ ସ.ଅ କହରିଥିଲେ ତାହା ଆରମ୍ଭ ହୋଇଯାଇଛି ଏବଂ ତାହାକୁ ହିଁ ଜାରି ରଖିବାର ଆବଶ୍ୟକତା ରହିଛି ଓ ବହୁମୁଖୀ କୂଟାଚାରୀ ଏବଂ ଧର୍ମରୁ ଓହୋରି ଯାଇଥିବା ବ୍ୟକ୍ତିମାନଙ୍କ ଜାଲରେ ପଡ଼ିବା ନାହିଁ । ହୁଜ୍ଜୁର ଅନୱର ଅ.ବ କହିଲେ : ଅତଃ ଏହା ହିଁ ସେହି ବିଶ୍ୱାସର ସ୍ତର ରହିଛି ଯାହାକୁ ପ୍ରତ୍ୟେକ ଅହମଦିକୁ ମଧ୍ୟ ନିଜ ଭିତରେ ବଜାୟ ରଖିବା ଉଚିତ । ଏକ ରିୱାୟତ ଅନୁଯାୟୀ ହଜ଼ରତ ମାଅନ ନବୀ କରୀମ ସ.ଅଙ୍କ ପରେ ଧର୍ମଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ହଜ଼ରତ ଖାଲିଦ ବିନ୍ ୱଲିଦଙ୍କ ସହ ଶାମିଲ ଥିଲେ ଏବଂ ହଜ଼ରତ ଖାଲିଦ ବିନ୍ ୱଲିଦ ୨୦୦ ଅଶ୍ୱାରୋହୀଙ୍କ ସହ ହଜ଼ରତ ମାଅନ ର.ଅଙ୍କୁ ୟମାମା ଆଡ଼କୁ ପ୍ରତ୍ୟେକ ପ୍ରଥମ ସୈନ୍ୟ ବାହିନୀ ସହ ପ୍ରେରଣ କରିଥିଲେ । ହୁଜ୍ଜୁର ସ.ଅ ହଜ଼ରତ ମାଅନ ଓ ହଜ଼ରତ ଜୈଦ ବିନ୍ ଖତ୍ତାବ ର.ଅଙ୍କ ସହିତ ଭ୍ରାତୃଭାବସଂପର୍କ ସ୍ଥାପନ କରିଥିଲେ । ସେହି ଦୁଇ ସାହାବୀମାନେ ହଜ଼ରତ ଅବୁ ବକର ସିଦ୍ଦିକ ର.ଅ ଶାସନ କାଳରେ ୟମାମା ଯୁଦ୍ଧରେ ୧୨ ହିଜରୀରେ ବୀରଗତି ପ୍ରାପ୍ତ କରିଥିଲେ । ଅଲ୍ଲଃତାଲା ପ୍ରତ୍ୟେକ ଅହମଦିଙ୍କୁ ନବୁୱତର ମହତ୍ତ୍ୱକୁ ହୃଦୟଙ୍ଗମ କରିବାକୁ ସାମର୍ଥ୍ୟ ପ୍ରଦାନ କରିବା ସଙ୍ଗେସଙ୍ଗେ ଖିଲାଫତ ସହ ବିଶ୍ୱସ୍ତତା, ନିଷ୍ଠାର ସଂପର୍କ ସୃଷ୍ଟି କରିବା ପାଇଁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**KHULASA KHUTBA JUMA HUZOOR ANWAR a.b.a**

.........................................................

**23rd Aug 2019**